ୟୁ.ପି. ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଡ. ଆର୍.କେ. ଟଣ୍ଡନ୍ ଏବଂ ଅନ୍ୟମାନେ

ମାର୍ଚ୍ଚ 23, 1995

[କେ. ରାମସ୍ୱାମୀ ଏବଂ ବି.ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ*

*ୟୁ.ପି. ପ୍ରାଦେଶିକ ଚିକିତ୍ସା ସେବା - ଡାକ୍ତର - କାମଚଳା ନିଯୁକ୍ତି - ଲୋକସେବା ଆୟୋଗ ଦ୍ୱାରା ନିୟମିତ ଚୟନ - ସୁପାରିଶ - କିନ୍ତୁ କୌଣସି ନିଯୁକ୍ତି ହୋଇନାହିଁ - କାମଚଳା ନିଯୁକ୍ତ ବ୍ୟକ୍ତିଙ୍କ ଦ୍ୱାରା ଆବେଦନ - ନିୟମିତକରଣ ପାଇଁ ନିର୍ଦ୍ଦେଶ - ସିଧାସଳଖ ନିଯୁକ୍ତ ଡାକ୍ତରମାନଙ୍କ ଦ୍ୱାରା ଆବେଦନ - ଲୋକସେବା ଆୟୋଗଙ୍କ ସୁପାରିଶକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ - ରାଜ୍ୟର ଆବେଦନ - ପରସ୍ପର ମଧ୍ୟରେ ବରିଷ୍ଠତା ସ୍ଥିରୀକରଣ - ଅଦାଲତ ଦ୍ୱାରା ନିର୍ଦ୍ଦେଶ ।*

**ଆବେଦନକାରୀ-ରାଜ୍ୟ 1961-62 ଠାରୁ 2056 ଜଣ ଡାକ୍ତରଙ୍କୁ କାମଚଳା ନିଯୁକ୍ତି କରିଥିଲେ । ଏହା ପରେ, ରାଜ୍ୟ ଲୋକସେବା ଆୟୋଗ ନିୟମିତ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେଇଥିଲେ ଏବଂ ସେମାନଙ୍କ ନିଯୁକ୍ତିର ସୁପାରିଶ କରିଥିଲେ, କିନ୍ତୁ କୌଣସି ନିଯୁକ୍ତି ହୋଇନଥିଲା । ଇତି ମଧ୍ୟରେ କାମଚଳା ନିଯୁକ୍ତ ବ୍ୟକ୍ତିଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମକଦ୍ଦମା ଆଧାରରେ ଏହି ନ୍ୟାୟାଳୟ କହିଥିଲେ ଯେ ଯେହେତୁ କାମଚଳା ଡାକ୍ତରମାନେ 20 ବର୍ଷରୁ ଅଧିକ ସେବା ଦେଇଛନ୍ତି, ତେଣୁ ସେମାନଙ୍କୁ ବରିଷ୍ଠତାକୁ ପ୍ରତ୍ୟାଖ୍ୟାନ କରିବା ଅନ୍ୟାୟ ହେବ । ଫଳସ୍ୱରୂପ ଯେତେବେଳେ ରାଜ୍ୟ ସେମାନଙ୍କର ନିଯୁକ୍ତି ତାରିଖଠାରୁ ସେମାନଙ୍କ ସେବାକୁ ନିୟମିତ କରିବାକୁ ଚେଷ୍ଟା କଲା, ସିଧାସଳଖ ନିଯୁକ୍ତିପ୍ରାପ୍ତ ବ୍ୟକ୍ତିମାନେ ଉଚ୍ଚ ନ୍ୟାୟାଳୟରେ ଆବେଦନ ଦାଖଲ କଲେ, ଯାହା ଆବେଦନକାରୀ-ରାଜ୍ୟକୁ ସେତେବେଳେ ରାଜ୍ୟରେ ସେବା କରୁଥିବା ପ୍ରାର୍ଥୀଙ୍କ ମଧ୍ୟରେ ସୀମିତ ଥିବା ଲୋକ ସେବା ଆୟୋଗଙ୍କ ସୁପାରିଶକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଲେ । ରାଜ୍ୟ ଏହି ନ୍ୟାୟାଳୟ ସମ୍ମୁଖରେ ଆବେଦନ ଦାୟର କରିଥିଲା ।**

**ଆବେଦନଗୁଡ଼ିକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ:1. ନିୟମ ବ୍ୟତିରେକ କରାଯାଇଥିବା ସମସ୍ତ ଅସ୍ଥାୟୀ ନିଯୁକ୍ତି ସ୍ଥାୟୀତ୍ୱ କିମ୍ବା ବରିଷ୍ଠତାର କୌଣସି ଅଧିକାର ପ୍ରଦାନ କରେ ନାହିଁ । ନିୟମ ଅନୁଯାୟୀ ସେମାନେ କେବଳ ସେମାନଙ୍କର ନିୟମିତ ନିଯୁକ୍ତି ତାରିଖ ଠାରୁ ଅଧିକାର ହାସଲ କରନ୍ତି । ଯଦି, ତଥାପି, ପ୍ରାରମ୍ଭିକ ନିଯୁକ୍ତି, ନିୟମ ଅନୁଯାୟୀ ହୋଇଥାଏ, ଯଦିଓ କାମଚଳା କିମ୍ବା ଅସ୍ଥାୟୀ ଆଧାରରେ, ତେବେ ବରିଷ୍ଠତା ପ୍ରାରମ୍ଭିକ ନିଯୁକ୍ତି**

**ତାରିଖ ଠାରୁ ଗଣନା କରାଯିବ । ଏଠାରେ କାମଚଳା ନିଯୁକ୍ତି ନିୟମ ବ୍ୟତିରେକ ଥିଲା ।ଯଦିଓ ଡାକ୍ତରମାନେ 33 ବର୍ଷରୁ ଅଧିକ ସେବା କରିଛନ୍ତି, ସେମାନେ କାମଚଳା ଥିଲେ । ନିଯୁକ୍ତି ତାରିଖଠାରୁ ସମସ୍ତଙ୍କୁ ବରିଷ୍ଠତା ମିଳିବ ନାହିଁ । କିନ୍ତୁ ଯେଉଁ ଡାକ୍ତରମାନେ ନିଯୁକ୍ତ ହୋଇଥିବା ତାରିଖଠାରୁ ସେମାନଙ୍କ ସେବାକୁ ନିୟମିତ କରିବା ପାଇଁ ଅଦାଲତ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶର ସୁବିଧା ପାଇଛନ୍ତି, ସେମାନେ ପ୍ରାରମ୍ଭିକ ନିଯୁକ୍ତିର ସମ୍ପୃକ୍ତ ତାରିଖଠାରୁ ସେମାନଙ୍କର ବରିଷ୍ଠତା ଗଣନା କରିବାକୁ ହକଦାର ।**

**2. ଯେଉଁ ଡାକ୍ତରମାନଙ୍କ ନାମ 1972 ମସିହାରେ ଲୋକସେବା ଆୟୋଗ ଦ୍ୱାରା ସୁପାରିଶ କରାଯାଇଥିଲା, ସେମାନଙ୍କୁ ଲୋକସେବା ଆୟୋଗ ଦ୍ୱାରା ନିର୍ଦ୍ଧାରିତ ଯୋଗ୍ୟତା କ୍ରମରେ ରାଜ୍ୟ ଲୋକସେବା ଆୟୋଗରୁ ଯୋଗ୍ୟତା ତାଲିକା ପାଇବା ତାରିଖରୁ ନିଯୁକ୍ତି ଦିଆଯିବା ଉଚିତ । ସେମାନଙ୍କୁ ସେହି ପ୍ରାର୍ଥୀମାନଙ୍କ ନିମ୍ନରେ ରଖାଯିବ, ଯେଉଁମାନଙ୍କ ନିଯୁକ୍ତିକୁ ଅଦାଲତମାନଙ୍କ ଦ୍ୱାରା ବଜାୟ ରହିଥିଲା ଏବଂ ଚୂଡ଼ାନ୍ତ ହୋଇଥିଲା ।**

**3. 1977, 1978 ଏବଂ 1979 ମସିହାରେ ଲୋକସେବା ଆୟୋଗ ଦ୍ୱାରା ସୁପାରିଶ କରାଯାଇଥିବା ପ୍ରାର୍ଥୀମାନଙ୍କୁ ରାଜ୍ୟ ସରକାର ଯେଉଁ ତାରିଖରେ ସମ୍ପୃକ୍ତ ତାଲିକା ପାଇଥିଲେ ସେହି ତାରିଖରୁ ସମ୍ପୃକ୍ତ ତାଲିକାରେ ଯୋଗ୍ୟତା କ୍ରମରେ ନିଯୁକ୍ତି ଦିଆଯିବ । ସେମାନଙ୍କର ବରିଷ୍ଠତା ସମ୍ପୃକ୍ତ ତାଲିକାରେ ଲୋକ ସେବା ଆୟୋଗଙ୍କ ନିର୍ଦ୍ଧାରଣ ଅନୁଯାୟୀ ହେବ । ସେମାନଙ୍କୁ 1972 ମନୋନୀତ ବ୍ୟକ୍ତିଙ୍କ ନିମ୍ନରେ ରଖାଯିବ । ଅବଶିଷ୍ଟ ପ୍ରାର୍ଥୀ, ଯେଉଁମାନେ ଚୟନ ହୋଇନଥିଲେ କିନ୍ତୁ ତଥାପି ଚାକିରିରେ ଅଛନ୍ତି, ସେମାନଙ୍କୁ ତୃତୀୟ ତାଲିକାର ଶେଷରେ ରଖାଯିବ ଏବଂ ସେମାନଙ୍କର ବରିଷ୍ଠତା 10.5.79 ତାରିଖର ତାଲିକା ଗ୍ରହଣ ତାରିଖଠାରୁ ପ୍ରଭାବ ସ୍ଥିର କରାଯିବା ଉଚିତ । ଚୟନ ହୋଇନଥିବା ବ୍ୟକ୍ତିଙ୍କ ମଧ୍ୟରେ, ରାଜ୍ୟ ସରକାରଙ୍କ ଦ୍ୱାରା 10.5.1979 ତାରିଖର ତାଲିକା ଗ୍ରହଣ କରାଯାଇଥିବା ତାରିଖକୁ କଟ-ଅଫ୍ ତାରିଖ ବୋଲି କୁହାଯିବ ଏବଂ ସେହି ତାରିଖରେ ନିଯୁକ୍ତିର ସମ୍ପୃକ୍ତ ତାରିଖଗୁଡ଼ିକୁ ବିଚାରକୁ ନିଆଯିବ ଏବଂ ଯଦି ଏହା ପରେ କରାଯାଏ, ତେବେ ସେହି ସମ୍ପୃକ୍ତ ତାରିଖରୁ ବରିଷ୍ଠତା ଗଣନା କରାଯିବ ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର : 1995 ର ଦେୱାନୀ ଆବେଦନ ସଂଖ୍ୟା 4438-42 ଇତ୍ୟାଦି

ଡବ୍ଲ୍ୟୁ.ପି. ସଂଖ୍ୟା 5809/87, 1989 ର 10921, 10926, 10923 ଏବଂ 10922 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର 3.2.92 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ପାଇଁ ତାଙ୍କ ସହିତ ଡି.ଭି. ସେହଗଲ ଏବଂ ଆର.ବି. ମିଶ୍ର ।

ଉତ୍ତରଦାତାମାନଙ୍କ ପାଇଁ ଏ.ବି. ମାଥ୍ୟୁ, ଏସ୍.କେ. ମିଶ୍ର, ଜି.କେ. ବଂଶଲ, ସୁଶ୍ରୀ ଗୀତାଞ୍ଜଳି ମୋହନ ଏବଂ ଏସ୍.ଏ. ସୟିଦ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରାଗଲା । ଅନୁମତି ପ୍ରଦାନ କରାଗଲା ।

ଗଭୀର ସମୁଦ୍ର ଏବଂ ସୈତାନଙ୍କ ମଧ୍ୟରେ ରାଜ୍ୟ ନିଷ୍କ୍ରିୟତା ଦ୍ୱାରା ଫସି ରହିଛି ଏବଂ ଏହି ସମସ୍ୟାରୁ ଉଦ୍ଧାର ପାଇବା ପାଇଁ ଏହି ନ୍ୟାୟାଳୟର ସାହାଯ୍ୟ ଲୋଡ଼ିଛି । ନଥିରୁ ଏହା ଦେଖିବାକୁ ମିଳିଛି ଯେ ପ୍ରାଦେଶିକ ଚିକିତ୍ସା ସେବା (ପି.ଏମ୍.ଏସ୍.) ବର୍ଗର ଡାକ୍ତରମାନଙ୍କ 2056ଟି ପଦବୀ ଏକ ବର୍ଷ ପାଇଁ କିମ୍ବା ଉତ୍ତର ପ୍ରଦେଶ ଲୋକସେବା ଆୟୋଗ (ପି.ଏସ୍.ସି.) ରୁ ନିୟମିତ ଭାବେ ମନୋନୀତ ପ୍ରାର୍ଥୀଙ୍କ ନିଯୁକ୍ତି ହେବା ପର୍ଯ୍ୟନ୍ତ, ଯାହା ପୂର୍ବରୁ ହେଉ, କାମଚଳା ନିଯୁକ୍ତି ଦ୍ୱାରା ପୂରଣ କରାଯାଇଥିଲା । 1971 ମସିହାରେ, ପି.ଏସ୍.ସି. ଯଦିଓ ଚୟନ କରିଥିଲା ଏବଂ ନିୟମିତ ନିଯୁକ୍ତି ପାଇଁ କେତେକ ପ୍ରାର୍ଥୀଙ୍କ ନାମ ସୁପାରିଶ କରିଥିଲା, ତଥାପି ସେହି ପ୍ରାର୍ଥୀମାନଙ୍କ ମଧ୍ୟରୁ କୌଣସି ନିଯୁକ୍ତି କରାଯାଇ ନଥିଲା । ସେହିଭଳି, ସରକାର ସେମାନଙ୍କର 23.12.77 ତାରିଖର ଚିଠିରେ ଅତିରିକ୍ତ ଚୟନ ପାଇଁ ଅନୁରୋଧ ପଠାଇଥିଲେ ଏବଂ ପି.ଏସ୍.ସି. 1703 ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ସୁପାରିଶ କରିଥିଲେ । ଇତି ମଧ୍ୟରେ, କେତେକ କାମଚଳା ନିଯୁକ୍ତ ବ୍ୟକ୍ତି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇ ଆବେଦନ କରିଥିଲେ, ଏବଂ ନ୍ୟାୟାଳୟ ସେମାନଙ୍କ ପ୍ରାରମ୍ଭିକ ନିଯୁକ୍ତି ତାରିଖ ଠାରୁ ସେମାନଙ୍କ ସେବାକୁ ନିୟମିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ଯାହା ବିରୁଦ୍ଧରେ ରାଜ୍ୟ ଏହି ଅଦାଲତରେ ଆବେଦନ ଦାୟର କରିଥିଲା । ଏସ୍.ଏଲ୍.ପି. (ସି) 13480/92 ଏବଂ ଅନେକ ମାମଲାରେ ଏହି ଅଦାଲତ ରାୟ ଦେଇଥିଲେ ଯେ ଯେହେତୁ ସେମାନେ 20 ବର୍ଷରୁ ଅଧିକ ସେବା ଦେଇଛନ୍ତି, ତେଣୁ ସେମାନଙ୍କୁ 20 ବର୍ଷର ବରିଷ୍ଠତାକୁ ପ୍ରତ୍ୟାଖ୍ୟାନ କରିବା ଅନ୍ୟାୟ ଥିଲା । ଫଳସ୍ୱରୂପ, ଯେତେବେଳେ ରାଜ୍ୟ ସମସ୍ତ କାମଚଳା କର୍ମଚାରୀଙ୍କ ନିଯୁକ୍ତି ତାରିଖରୁ ସେମାନଙ୍କର ସେବାକୁ ନିୟମିତ କରିବାକୁ ଚେଷ୍ଟା କଲା, ସେତେବେଳେ ସିଧାସଳଖ ନିଯୁକ୍ତିପ୍ରାପ୍ତ କର୍ମଚାରୀମାନେ ଆଜ୍ଞାଦେଶ ଆବେଦନ ଦାୟର କଲେ ଏବଂ ଉଚ୍ଚ ନ୍ୟାୟାଳୟ ସେତେବେଳ ରାଜ୍ୟରେ ସେବା କରୁଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ସୀମିତ ରଖି ପି.ଏସ୍.ସି. ଦ୍ୱାରା ଦିଆଯାଇଥିବା ସୁପାରିଶକୁ କାର୍ଯ୍ୟକାରୀ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଲେ । ରାଜ୍ୟ ଏହି ଆବେଦନଗୁଡିକ ଦାୟର କରିଛି ଏବଂ ଏହାର ଅସୁବିଧା ଗୁଡିକରୁ ଉଦ୍ଧାର କରିବାକୁ ଲୋଡିଛି ।

ଏବେ ପ୍ରଶ୍ନ ଉଠୁଛି ଯେ ଅଣମନୋନୀତ ଏବଂ ମନୋନୀତ କାମଚଳା କର୍ମଚାରୀଙ୍କ ମଧ୍ୟରେ ବରିଷ୍ଠତା ନିର୍ଦ୍ଧାରଣରେ ଗ୍ରହଣ କରାଯିବାକୁ ଥିବା ନ୍ୟାୟସଙ୍ଗତ ନୀତି କ'ଣ ହେବ? ସମସ୍ତ ପକ୍ଷଙ୍କ ବିଜ୍ଞ

ଓକିଲଙ୍କୁ ଶୁଣିବା ପରେ, ଆମର ବିଚାରଯୋଗ୍ୟ ମତ ଏହା ଯେ ଏକ ନ୍ୟାୟସଙ୍ଗତ ଏବଂ ନିରପେକ୍ଷ ସମାଧାନରେ ପହଞ୍ଚାଯାଇପାରିବ ।

ଏହା ଏକ ସ୍ଥିରୀକୃତ ଆଇନ ଯେ ନିୟମ ଅନୁଯାୟୀ କରାଯାଇଥିବା ସମସ୍ତ ଅସ୍ଥାୟୀ ନିଯୁକ୍ତି ସ୍ଥାୟୀତ୍ୱ କିମ୍ବା ବରିଷ୍ଠତାର କୌଣସି ଅଧିକାର ପ୍ରଦାନ କରେ ନାହିଁ । ସେମାନେ କେବଳ ନିୟମ ଅନୁଯାୟୀ ସେମାନଙ୍କର ନିୟମିତ ନିଯୁକ୍ତି ତାରିଖ ଠାରୁ ଅଧିକାର ହାସଲ କରନ୍ତି । ଯଦି, ତଥାପି, ପ୍ରାରମ୍ଭିକ ନିଯୁକ୍ତି ନିୟମ ଅନୁଯାୟୀ ହୋଇଥାଏ, ଯଦିଓ କାମଚଳା କିମ୍ବା ଅସ୍ଥାୟୀ ଆଧାରରେ, ତେବେ ବରିଷ୍ଠତା ପ୍ରାରମ୍ଭିକ ନିଯୁକ୍ତି ତାରିଖଠାରୁ ଗଣନା କରାଯିବ । ଏଠାରେ କାମଚଳା ନିଯୁକ୍ତି ନିୟମ ବ୍ୟତିରେକ ଥିଲା । ତେଣୁ ଏହା ସ୍ପଷ୍ଟ ହେବ ଯେ ଯଦିଓ ଡାକ୍ତରମାନେ 33 ବର୍ଷରୁ ଅଧିକ ସମୟ ଦେଇଛନ୍ତି, ସେମାନେ କାମଚଳା ଅଟନ୍ତି । ନିଯୁକ୍ତିର ନିର୍ଦ୍ଦିଷ୍ଟ ତାରିଖଠାରୁ ସମସ୍ତଙ୍କୁ ବରିଷ୍ଠତା ମିଳିବ ନାହିଁ । ଏହା ଦେଖିବାକୁ ମିଳିଛି ଯେ କେତେକ ଡାକ୍ତର ଅବସର ନେଇଛନ୍ତି ଏବଂ କେତେକଙ୍କୁ ନିଯୁକ୍ତି ତାରିଖ ଠାରୁ ସେମାନଙ୍କ ସେବାକୁ ନିୟମିତ କରିବା ପାଇଁ ଅଦାଲତଙ୍କ ନିର୍ଦ୍ଦେଶର ସୁବିଧା ମିଳିଛି ଏବଂ ଆଦେଶଗୁଡିକ ଚୂଡ଼ାନ୍ତ ହୋଇଛି । ତେଣୁ, ସେମାନେ ପ୍ରାରମ୍ଭିକ ନିଯୁକ୍ତିର ସମ୍ପୃକ୍ତ ତାରିଖଠାରୁ ସେମାନଙ୍କର ବରିଷ୍ଠତା ଗଣନା କରିବାକୁ ହକଦାର ।

ଯେହେତୁ ପି.ଏସ୍.ସି. 1972 ମସିହାରେ ପ୍ରାର୍ଥୀଙ୍କ ନାମକୁ ଅଧିସୂଚିତ, ଚୟନ ଏବଂ ସୁପାରିଶ କରିଥିଲା, ତେଣୁ ରାଜ୍ୟ ସରକାରଙ୍କୁ ସେମାନଙ୍କ ନିଯୁକ୍ତିକୁ ପି.ଏସ୍.ସି. ଦ୍ୱାରା ନିର୍ଦ୍ଧାରିତ ଯୋଗ୍ୟତା କ୍ରମରେ କରିବାକୁ ଆଦେଶ ଦିଆଯାଇଛି । ରାଜ୍ୟ ସରକାର ପି.ଏସ୍.ସି. ରୁ ଯୋଗ୍ୟତା ତାଲିକା ଗ୍ରହଣ କରିଥିବା ତାରିଖଠାରୁ ସେମାନଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ସେମାନଙ୍କୁ ସେହି ପ୍ରାର୍ଥୀଙ୍କ ନିମ୍ନରେ ରଖାଯିବ ଯାହାଙ୍କ ନିଯୁକ୍ତି ନ୍ୟାୟାଳୟ କିମ୍ବା ସେବା ନ୍ୟାୟାଧିକରଣ ଦ୍ୱାରା ବଜାୟ ରଖାଯାଇଥିଲା ଏବଂ ଚୂଡ଼ାନ୍ତ ହୋଇଥିଲା ।

ଯେଉଁ ପ୍ରାର୍ଥୀଙ୍କ ନାମ ପି.ଏସ୍.ସି. ଦ୍ୱାରା ତିନୋଟି ସ୍ତରରେ ସୁପାରିଶ କରାଯାଇଥିଲା - ପ୍ରଥମେ 23.12.77 ରେ, ଦ୍ୱିତୀୟରେ 16.6.78 ରେ ଏବଂ 10.5.79 ତାରିଖର ଚୂଡ଼ାନ୍ତ ତାଲିକାରେ, ସେମାନଙ୍କୁ ସମ୍ପୃକ୍ତ ତାଲିକାର ଯୋଗ୍ୟତା କ୍ରମରେ ନିଯୁକ୍ତି ଦେବାକୁ ରାଜ୍ୟ ସରକାରଙ୍କୁ ଆଦେଶ ଦିଆଯାଇଛି । ଏହିପରି ନିଯୁକ୍ତ ଅଧିକାରୀଙ୍କ ବରିଷ୍ଠତା ସମ୍ପୃକ୍ତ ତାଲିକାରେ ପି.ଏସ୍.ସି. ର ନିର୍ଣ୍ଣୟ ଅନୁଯାୟୀ ହେବ । ଯେଉଁ ତାରିଖରେ ରାଜ୍ୟ ସରକାର ସମ୍ପୃକ୍ତ ତାଲିକା ପାଇଥିଲେ, ସେହି ଦିନଠାରୁ ସେମାନଙ୍କୁ ନିଯୁକ୍ତ କରାଯିବ ଏବଂ ସେହି ଦିନଠାରୁ ସେମାନଙ୍କୁ ନିୟମିତ ଭାବେ ନିଯୁକ୍ତ କରାଯାଇଥିବା ବିବେଚନା କରାଯିବ । ସେମାନଙ୍କୁ 1972 ମନୋନୀତ ବ୍ୟକ୍ତିଙ୍କ ନିମ୍ନରେ ରଖାଯିବ । ଅବଶିଷ୍ଟ ପ୍ରାର୍ଥୀ, ଯେଉଁମାନେ ଚୟନ ହୋଇନଥିଲେ କିନ୍ତୁ ତଥାପି ସେବାରେ ଅଛନ୍ତି, ସେମାନଙ୍କୁ ତୃତୀୟ ତାଲିକାର ଶେଷରେ ରଖାଯିବ ଏବଂ ସେମାନଙ୍କର ବରିଷ୍ଠତା 10.5.79 ତାରିଖର ତାଲିକା ଗ୍ରହଣ ତାରିଖ ଠାରୁ ସ୍ଥିର କରିବାକୁ ନିର୍ଦ୍ଦେଶ

ଦିଆଯାଇଛି । ଚୟନ ହୋଇନଥିବା ବ୍ୟକ୍ତିଙ୍କ ମଧ୍ୟରେ, ରାଜ୍ୟ ସରକାରଙ୍କ ଦ୍ୱାରା 10 ମଇ, 1979 ର ତାଲିକା ଗ୍ରହଣ କରାଯାଇଥିବା ତାରିଖକୁ କଟ-ଅଫ୍ ତାରିଖ ବୋଲି କୁହାଯିବ ଏବଂ ସେହି ତାରିଖରେ ନିଯୁକ୍ତିର ସମ୍ପୃକ୍ତ ତାରିଖକୁ ବିଚାରକୁ ନିଆଯିବ ଏବଂ ଯଦି ଏହା ପରେ କରାଯାଏ, ତେବେ ସେହି ସମ୍ପୃକ୍ତ ତାରିଖଗୁଡ଼ିକରୁ ବରିଷ୍ଠତା ଗଣନା କରାଯିବ । ଯଦି ସଂରକ୍ଷଣ ନିୟମ ଲାଗୁ କରାଯାଏ ଏବଂ ପ୍ରାର୍ଥୀମାନଙ୍କୁ ସେହି ଅନୁସାରେ ଚୟନ କରାଯାଏ, ତେବେ ସାଧାରଣ ପ୍ରାର୍ଥୀଙ୍କ ତୁଳନାରେ ସେମାନଙ୍କର ବରିଷ୍ଠତା ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଯୋଜନାବଦ୍ଧ ତାଲିକା ଅନୁସାରେ ହେବ ।

ଏହା ନଥିରେ ଅଛି ଯେ ଏହି କାମଚଳା ଡାକ୍ତରମାନଙ୍କ ମଧ୍ୟରୁ କେତେକ ଅବସର ବୟସ ହାସଲ କରିବା ପରେ ଅବସର ନେଇଛନ୍ତି । ସେମାନଙ୍କ ସମ୍ବନ୍ଧରେ, କେବଳ ପ୍ରାସଙ୍ଗିକ ନିୟମ ଅନୁଯାୟୀ ଗ୍ରହଣୀୟ ପେନସନ ଏବଂ ଅବସରକାଳୀନ ସୁବିଧା ପ୍ରଦାନ ଉଦ୍ଦେଶ୍ୟରେ ପ୍ରାରମ୍ଭିକ ନିଯୁକ୍ତିର ସମ୍ପୃକ୍ତ ତାରିଖଠାରୁ ସେମାନଙ୍କୁ ନିୟମିତ ଭାବରେ ନିଯୁକ୍ତ ବୋଲି ଧରିବା ପାଇଁ ଏକ ନିର୍ଦ୍ଦେଶ ରହିବ । ଏହାକୁ ଚାକିରିରେ ନିଯୁକ୍ତ ଅସ୍ଥାୟୀ କିମ୍ବା କାମଚଳା ଡାକ୍ତରମାନଙ୍କ ମଧ୍ୟରେ ବରିଷ୍ଠତା ପାଇଁ ଗଣନା କରାଯିବା ଉଚିତ୍ ନୁହେଁ ।

ଆଦେଶ ପ୍ରାପ୍ତି ତାରିଖଠାରୁ ଛଅ ମାସ ମଧ୍ୟରେ ବରିଷ୍ଠତା ସ୍ଥିର କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ବରିଷ୍ଠତା ସ୍ଥିର ହେବା ପରେ, ଦୁଇ ମାସ ମଧ୍ୟରେ ଅବସରପ୍ରାପ୍ତ ଡାକ୍ତରମାନଙ୍କୁ ପେନସନ ଏବଂ ଅନ୍ୟାନ୍ୟ କାର୍ଯ୍ୟାନ୍ତର ସୁବିଧା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ତଦନୁସାରେ ଆବେଦନଗୁଡ଼ିକୁ ଅନୁମତି ଦିଆଯାଇଛି । ଏହି ପରିସ୍ଥିତିରେ, ପକ୍ଷମାନଙ୍କୁ ସେମାନଙ୍କ ନିଜ ନିଜର ଖର୍ଚ୍ଚ ବହନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଏସ୍.ଏଲ୍.ପି. 9430/1995 (ସିସି 22831)

ଏସ୍.ଏଲ୍.ପି. ଦାଖଲ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଛି । ବିଳମ୍ବକୁ କ୍ଷମା କରାଗଲା । ଅନୁମତି ପ୍ରଦାନ କରାଗଲା । ଉପରୋକ୍ତ ରାୟକୁ ଦୃଷ୍ଟିରେ ରଖି ଆବେଦନଟିର ଫଇସଲା କରାଯାଇଛି ।

ଟି.ଏନ୍.ଏ. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।